**Rejoice Learning Centre North India**
Author: **Miriam Leavell**
Rejoice Corpus Christi, USA
www.rejoicecc.org
Odia Translator: **Ps Dipti Prakash Rajhans**
(President) Rejoice Corpus Christi North India

# ପାଠ ୩: ବିଶ୍ୱାସ କରିବା ହେଉଛି ଆଜ୍ଞା ପାଳନ କରିବା

ଆଜି ଆମେ ଆଲୋଚନା କରିବା:
୧. ବିଶ୍ୱାସ କରିବା କାହିଁକି ଆଜ୍ଞା ପାଳନ କରିବା ଅଟେ ?
୨. ଯୀଶୁ ପ୍ରଭୁ ଅଟନ୍ତି ।ଆପଣ କ'ଣ ଆପଣଙ୍କ ମାଲିକଙ୍କ ଆଜ୍ଞା ପାଳନ କରୁଅଛନ୍ତି ?
୩. ବାଇବଲରେ ଆଜ୍ଞାପାଳନକାରୀ ଲୋକ ।
୪. ବାଇବଲରେ ଅନାଜ୍ଞାବହ ଲୋକ ।
**BREAK**
୫. ଯୀଶୁ ଚେତାବନୀ ଦେଇଛନ୍ତି: ଅନାଜ୍ଞାବହ ଲୋକ ତାଙ୍କ ରାଜ୍ୟର ଉତ୍ତରାଧିକାରୀ ହେବେ ନାହିଁ ।
୬. ଶାସ୍ତ୍ରରେ ଉଲ୍ଲେଖ କରାଯାଇଥିବା ବିଭିନ୍ନ ପ୍ରକାରର ବିଶ୍ୱାସ ।
୭. ଆଜ୍ଞାପାଳନକାରୀ ହେବା ପାଇଁ କ'ଣ ଆବଶ୍ୟକ ?
୮. ଆଜ୍ଞାକରିତାର ଫଳାଫଳ ।

ଆମେ ଶିଖୁ: ଯେତେବେଳେ ଆମେ ପରମେଶ୍ୱରଙ୍କ ଆଜ୍ଞା ପାଳନ କରୁ, ଆମେ ପ୍ରମାଣ କରୁ ଯେ ଆମେ ତାଙ୍କୁ ପ୍ରେମ କରୁ ।ତାଙ୍କ ରାଜ୍ୟରେ ପ୍ରବେଶ କରିବା ପାଇଁ ଆଜ୍ଞା ପାଳନ କରିବା ବାଧ୍ୟତାମୂଳକ ଅଟେ ।

## ୧. ବିଶ୍ୱାସ କରିବା କାହିଁକି ଆଜ୍ଞା ପାଳନ କରିବା ଅଟେ ?

**ମାଥିଉ ୨୨:୩୭ପଦରେ** ଯୀଶୁ ଉତ୍ତର ଦେଲେ: ସେ ତାହାଙ୍କୁ କହିଲେ, ତୁମ୍ଭେ ଆପଣାର ସମସ୍ତ ଅନ୍ତଃକରଣ, ସମସ୍ତ ପ୍ରାଣ ଓ ସମସ୍ତ ମନ ଦେଇ ପ୍ରଭୁ, ଆପଣା ଈଶ୍ୱରଙ୍କୁ ପ୍ରେମ କର [୩୮] ଏହା ହିଁ ଶ୍ରେଷ୍ଠ ଓ ପ୍ରଥମ ଆଜ୍ଞା ।

**<u>ଆମକୁ ପରମେଶ୍ୱରଙ୍କୁ ପ୍ରେମ କରିବାକୁ ଆଦେଶ ଦିଆଯାଇଛି। କିନ୍ତୁ ଆମେ ତାଙ୍କୁ କିପରି ପ୍ରେମ କରିପାରିବା ?</u>**

**ଯୋହନ ୧୪:୧୫** ରେ ଯୀଶୁ କହିଥିଲେ " ଯଦି ତୁମ୍ଭେମାନେ ମୋତେ ପ୍ରେମ କର, ତାହାହେଲେ ମୋହର ଆଜ୍ଞାସବୁ ପାଳନ କରିବ "।

**ଯୋହନ ୧୪:୨୩** ରେ ଯୀଶୁ କହିଥିଲେ " ଯୀଶୁ ତାଙ୍କୁ ଉତ୍ତର ଦେଲେ, ଯଦି କେହି ମୋତେ ପ୍ରେମ କରେ, ତାହାହେଲେ ସେ ମୋହର ବାକ୍ୟ ପାଳନ କରିବ, ପୁଣି, ମୋହର ପିତା ତାହାକୁ ପ୍ରେମ କରିବେ, ଆଉ ଆମ୍ଭେମାନେ ତାହା ନିକଟକୁ ଆସି ତାହା ସହିତ ବାସ କରିବା "।

**ପବିତ୍ର ଆତ୍ମାଙ୍କ ଦ୍ୱାରା ପ୍ରେରିତ ଯୋହନ ୧ମ ଯୋହନ ୫:୩ପଦରେ** ଲେଖିଥିଲେ ଯେ ପ୍ରକୃତରେ, କାରଣ ଈଶ୍ୱରଙ୍କୁ ପ୍ରେମ କରିବାର ଅର୍ଥ, ତାହାଙ୍କ ଆଜ୍ଞା ପାଳନ କରିବା, ଆଉ ତାହାଙ୍କ ଆଜ୍ଞାସବୁ ଭାର ସ୍ୱରୂପ ନୁହେଁ ।

**ମୋଶା, ମରିୟମ ଏବଂ ପିତା ପରମେଶ୍ୱର** କହିଥିଲେ ଯେ ଯୀଶୁ ଆମକୁ ଯାହା କରିବାକୁ କୁହନ୍ତି ତାହା ଆମେ କରିବା ଉଚିତ – ଆମ୍ଭେମାନେ ତାଙ୍କ କଥା ଶୁଣିବାକୁ ପଡିବ ।

ଆମେ ପ୍ରଭୁଙ୍କ ଆଜ୍ଞା ପାଳନ କରୁ କାରଣ ଆମେ ତାଙ୍କୁ ପ୍ରେମ କରୁ **୧ମ ଯୋହନ ୪:** ସେ ପ୍ରଥମରେ ଆମ୍ଭମାନଙ୍କୁ ପ୍ରେମ କରିବାରୁ ଆମ୍ଭେମାନେ ପ୍ରେମ କରୁ ।

## ୨. ଯୀଶୁ ପ୍ରଭୁ ଅଟନ୍ତି ଆପଣ କ'ଣ ଆପଣଙ୍କ ମାଲିକଙ୍କ ଆଜ୍ଞା ପାଳନ କରୁଅଛନ୍ତି ?

ଜ୍ଞାନୀ ଏବଂ ମୂର୍ଖ ଗୃହ ନିର୍ମାଣକାରୀ: ପ୍ରକୃତ ବିଶ୍ୱାସ ଅର୍ଥ ହେଉଛି ଆମେ ଆଜ୍ଞା ପାଳନକାରୀ ହେବା ।

**ମାଥିଉ ୭:୨୪-୨୭ପଦ** "ତେଣୁ ଯେଉଁମାନେ ମୋର ଏହି କଥାଗୁଡ଼ିକ ଶୁଣନ୍ତି ଏବଂ **ସେଗୁଡ଼ିକୁ କାର୍ଯ୍ୟରେ ଲଗାନ୍ତି,** ସେମାନେ ଜଣେ ଜ୍ଞାନୀ ବ୍ୟକ୍ତି ପରି ଯିଏ ପଥର ଉପରେ ନିଜ ଘର ନିର୍ମାଣ କରିଥିଲେ। ୨୫ ବର୍ଷା ହେଲା, ନଦୀ ଉଠିଲା, ଏବଂ ପବନ ବହିଲା ଏବଂ ସେହି ଘର ଉପରେ ଆଘାତ କଲା; ତଥାପି ତାହା ପଡ଼ିଲା ନାହିଁ, କାରଣ ଏହାର ମୂଳଦୁଆ ପଥର ଉପରେ ଥିଲା। ୨୬ କିନ୍ତୁ ଯେଉଁମାନେ ମୋର ଏହି କଥାଗୁଡ଼ିକ ଶୁଣନ୍ତି ଏବଂ **ସେଗୁଡ଼ିକୁ କାର୍ଯ୍ୟରେ ଲଗାନ୍ତି ନାହିଁ,** ସେମାନେ ଜଣେ ମୂର୍ଖ ବ୍ୟକ୍ତି ପରି ଯିଏ ବାଲି ଉପରେ ନିଜ ଘର ନିର୍ମାଣ କରିଥିଲା। ୨୭ ବର୍ଷା ହେଲା, ନଦୀ ଉଠିଲା, ଏବଂ ପବନ ବହିଲା ଏବଂ ସେହି ଘର ଉପରେ ଆଘାତ କଲା, ଏବଂ ଏହା ଏକ ମହା ଧ୍ୱଂସ ସହିତ ପଡ଼ିଗଲା।"

**ଏଫିସୀୟ ୨:୧୦ପଦ** "କାରଣ ଆମ୍ଭେମାନେ ତାହାଙ୍କ ରଚନା, ଯେ ସମସ୍ତ ସତକାର୍ଯ୍ୟ ଆମ୍ଭେମାନେ କରିବୁ ବୋଲି ଈଶ୍ୱର ପୂର୍ବରୁ ପ୍ରସ୍ତୁତ କରିଥିଲେ, ଆଚରଣରେ ସେହି ସବୁ ସାଧନ କରିବା ନିମନ୍ତେ ଖ୍ରୀଷ୍ଟ ଯୀଶୁଙ୍କଠାରେ ସୃଷ୍ଟ ।"

**ଫିଲିପ୍ପୀୟ ୨:୧୨-୧୩ପଦ** ଅତଏବ, ହେ ମୋହର ପ୍ରିୟମାନେ, ଯେପରି ତୁମ୍ଭେମାନେ ସର୍ବଦା ଆଜ୍ଞାବହ ହୋଇଅଛ, କେବଳ ମୋହର ଉପସ୍ଥିତିରେ କଲାପରି ନୁହେଁ, କିନ୍ତୁ ବର୍ତ୍ତମାନ ମୋହର ଅନୁପସ୍ଥିତିରେ ଆହୁରି ଅଧିକ ରୂପେ ଭୟ ଓ କମ୍ପ ସହ ଆପଣା ଆପଣା ପରିତ୍ରାଣ ସାଧନ କର, ୧୩ କାରଣ ଇଚ୍ଛା କରିବାକୁ ଓ ସାଧନ କରିବାକୁ ଈଶ୍ୱର ଆପଣା ମଙ୍ଗଳମୟ ସଙ୍କଳ୍ପର ସଫଳତା ନିମନ୍ତେ ତୁମ୍ଭମାନଙ୍କ ଅନ୍ତରରେ କାର୍ଯ୍ୟ କରନ୍ତି ।

## ୩. ବାଇବଲରେ ଆଜ୍ଞାପାଳନକାରୀ ଲୋକ ।

### ଯୀଶୁ ଏହି ଜଗତରେ ଥିବା ସମୟରେ ଆଜ୍ଞାବହତା ପ୍ରଦର୍ଶନ କରିଥିଲେ ।

**ଯୋହନ ୧୨:୪୯-୫୦ପଦରେ ଯୀଶୁ କହିଥିଲେ**: କାରଣ ମୁଁ ଆପଣାଠାରୁ କହି ନାହିଁ, ମାତ୍ର ମୁଁ କ'ଣ କହିବି ଓ କ'ଣ ବ୍ୟକ୍ତ କରିବି, ତାହା ମୋହର ପ୍ରେରଣକର୍ତ୍ତା ପିତା ମୋତେ ଆଜ୍ଞା ଦେଇଅଛନ୍ତି; 50 ପୁଣି, ତାହାଙ୍କ ଆଜ୍ଞା ଯେ ଅନନ୍ତ ଜୀବନ, ଏହା ମୁଁ ଜାଣେ ଅତଏବ, ମୁଁ ଯେ ଯେ କଥା କହେ, ପିତା ମୋତେ ଯେପରି କହିଅଛନ୍ତି, ସେହିପରି କହେ ↦ ସେ ପବିତ୍ର ଆତ୍ମାଙ୍କ ଦ୍ୱାରା ନିର୍ଦ୍ଦେଶ ପାଇଥିଲେ ଏବଂ ଆତ୍ମାଙ୍କ ଆଜ୍ଞାବହତାରେ ଚାଲିଥିଲେ।

ସେ ପିତାଙ୍କ ଇଚ୍ଛାରେ ନିଜକୁ ସମ୍ପୂର୍ଣ୍ଣ ଭାବରେ ସମର୍ପଣ କଲେ ।ଫିଲିପ୍ପୀୟ ୨:୮ପଦ କୁହେ, "...ପୁଣି, ମନୁଷ୍ୟ ଭାବରେ ଦେଖାଯାଇ ମୃତ୍ୟୁ ପର୍ଯ୍ୟନ୍ତ, ହଁ, କ୍ରୁଶୀୟ ମୃତ୍ୟୁ ପର୍ଯ୍ୟନ୍ତ **ଆଜ୍ଞାବହ** ହୋଇ ଆପଣାକୁ ଅବନତ କଲେ ।"

**ଯୀଶୁଙ୍କ ପାଇଁ ଆଜ୍ଞା ପାଳନ କରିବା ସହଜ ଥିଲା କି ? ଗେଥଶିମାନୀ ଉଦ୍ୟାନରେ ଏହା ନଥିଲା:**
ମାଥିଉ **୨୬:୩୮ପଦ**....ଯୀଶୁ ଦୁଃଖ ଏବଂ କଷ୍ଟ ଅନୁଭବ କରିବାକୁ ଲାଗିଲେ ।୩୮ ସେତେବେଳେ ସେ ସେମାନଙ୍କୁ କହିଲେ, ମୋହର ପ୍ରାଣ ମୃତ୍ୟୁଭୋଗ କରିବା ପରି ଅତ୍ୟନ୍ତ ଶୋକାକୁଳ ହେଉଅଛି ।
ମାଥିଉ **୨୬:୩୯ପଦ**: "ହେ ମୋହର ପିତା, ଯଦି ହୋଇପାରେ, ତେବେ ଏହି ପାନପାତ୍ର ମୋ'ଠାରୁ ଦୂର ହେଉ; ତଥାପି ମୋହର ଇଚ୍ଛା ନୁହେଁ, ମାତ୍ର ତୁମ୍ଭର ଇଚ୍ଛା ।"
**ଏବ୍ରୀ ୫:୮-୯ପଦରେ** କୁହାଯାଇଛି, "ପୁତ୍ର ହେଲେ ହେଁ ଦୁଃଖଭୋଗ ଦ୍ୱାରା ଆଜ୍ଞାବହତା ଶିକ୍ଷା କଲେ, ପୁଣି, ସିଦ୍ଧ ହୋଇ ନିଜ ଆଜ୍ଞାକାରୀମାନଙ୍କ ପ୍ରତି ଅନନ୍ତ ପରିତ୍ରାଣର କାରଣ ସ୍ୱରୂପ ହେଲେ;"

→ ଯୀଶୁ ପବିତ୍ର ଆତ୍ମାଙ୍କ ଦ୍ୱାରା ପରିଚାଳିତ ହୋଇଥିଲେ, ଏବଂ ଆମେ ମଧ୍ୟ, ପୁନର୍ବାର ଜନ୍ମ ହେବା ପରେ, ପବିତ୍ର ଆତ୍ମାଙ୍କ ନେତୃତ୍ୱକୁ ଅନୁସରଣ କରିବାକୁ ପଡିବ।

ଅବ୍ରହାମ **ବିଶ୍ୱାସର ଆଦି ପିତା ବିଶ୍ୱାସ କଲେ ଏବଂ ତାଙ୍କ ଆଜ୍ଞା ପାଳନ କଲେ ।**
**ଆଦିପୁସ୍ତକ ୧୨:୧-୪ପଦ** [୧] ଏଥିଉତ୍ତାରେ ସଦାପ୍ରଭୁ ଅବ୍ରାମଙ୍କୁ କହିଲେ, "ତୁମ୍ଭେ ଆପଣା ଦେଶ ଓ ଜ୍ଞାତି କୁଟୁମ୍ବ ଓ ପୈତୃକ ଗୃହ ପରିତ୍ୟାଗ କରି, ଆମ୍ଭେ ଯେଉଁ ଦେଶ ତୁମ୍ଭକୁ ଦେଖାଇବା, ସେହି ଦେଶକୁ ଯାଅ । [୨] ଆମ୍ଭେ ତୁମ୍ଭଠାରୁ ଏକ ମହାଗୋଷ୍ଠୀ ଉତ୍ପନ୍ନ କରିବା, ପୁଣି, ଆମ୍ଭେ ତୁମ୍ଭକୁ ଆଶୀର୍ବାଦ କରି ତୁମ୍ଭର ନାମ ମହତ୍ କରିବା; ତୁମ୍ଭେ ଆଶୀର୍ବାଦର ଆକର ହେବ । [୩] ଯେଉଁମାନେ ତୁମ୍ଭକୁ ଆଶୀର୍ବାଦ କରନ୍ତି, ଆମ୍ଭେ ସେମାନଙ୍କୁ ଆଶୀର୍ବାଦ କରିବା; ପୁଣି, ଯେକେହି ତୁମ୍ଭକୁ ଅଭିଶାପ ଦିଏ, ଆମ୍ଭେ ତାହାକୁ ଅଭିଶାପ ଦେବା; ଆଉ ତୁମ୍ଭଠାରୁ ପୃଥିବୀର ସବୁ ବଂଶ ଆଶୀର୍ବାଦ ପ୍ରାପ୍ତ ହେବେ ।" [୪] ଏଥିଉତ୍ତାରେ ଅବ୍ରାମ ସଦାପ୍ରଭୁଙ୍କ ଏହି ବାକ୍ୟାନୁସାରେ ପ୍ରସ୍ଥାନ କଲେ, ପୁଣି, ଲୋଟ ତାଙ୍କ ସଙ୍ଗରେ ଗଲେ; ହାରଣଠାରୁ ପ୍ରସ୍ଥାନ କରିବା ସମୟରେ ଅବ୍ରାମଙ୍କର ବୟସ ପଞ୍ଚୋସ୍ତରି ବର୍ଷ ହୋଇଥିଲା ।

**ଆଦିପୁସ୍ତକ ୨୨:୧-୧୮ପଦରେ** ପରମେଶ୍ୱର ଅବ୍ରହାମଙ୍କ ବିଶ୍ୱାସକୁ ପରୀକ୍ଷା କଲେ ।
[2]ସେତେବେଳେ ସେ କହିଲେ, "ତୁମ୍ଭେ ଏବେ ଆପଣା ପୁତ୍ରକୁ, ତୁମ୍ଭର ଅଦ୍ୱିତୀୟ ପୁତ୍ରକୁ, ଅର୍ଥାତ୍, ତୁମ୍ଭେ ଯାହାକୁ ସ୍ନେହ କର, ସେହି ଇସ୍‌ହାକକୁ ଘେନି ମୋରୀୟା ଦେଶକୁ ଯାଅ; ପୁଣି, ଆମ୍ଭେ ସେହି ଦେଶରେ ଯେଉଁ ପର୍ବତ କହିବା, ସେହି ପର୍ବତ ଉପରେ ତାହାକୁ ହୋମାର୍ଥେ ବଳିଦାନ କର ।"
**ଏବ୍ରୀ ୧୧:୧୭-୧୯ପଦ** କାରଣ ଈଶ୍ୱର ଯେ ମୃତମାନଙ୍କ ମଧ୍ୟରୁ ସୁଦ୍ଧା ଉତ୍ଥାପନ କରିବାକୁ ସମର୍ଥ, ଆକ୍ଷରିକ ଭାବେ, ସେ ମଧ୍ୟ ତାଙ୍କୁ ଦୃଷ୍ଟାନ୍ତଭାବେ ମୃତ୍ୟୁରୁ ଫେରି ପାଇଲେ ।

ଯିହୋଶୂୟ **ତାଙ୍କ ଜୀବନ ସାରା ବିଶ୍ୱାସ ଏବଂ ଆଜ୍ଞାବହତା ପ୍ରଦର୍ଶନ କରିଥିଲେ ।**
**ଯିହୋଶୂୟ ୬:୩-୫ପଦରେ ଆମେ ତାଙ୍କ ଆଜ୍ଞାବହତାର ଏକ ଉଦାହରଣ ଦେଖୁ, ପ୍ରଭୁ ତାଙ୍କୁ କହିଥିଲେ:**
[3] ତୁମ୍ଭେମାନେ ନଗର ବେଷ୍ଟନ କରିବ, ସମସ୍ତ ଯୋଦ୍ଧା ଥରେ ନଗର ଚାରିଆଡ଼େ ପ୍ରଦକ୍ଷିଣ କରିବେ ।ଏହି ପ୍ରକାରେ ତୁମ୍ଭେ ଛଅ ଦିନ କରିବ ।[4]ପୁ ଣି ସାତ ଜଣ ଯାଜକ ସିନ୍ଦୁକର ଅଗ୍ରସର ହୋଇ ମହାଶବ୍ଦକାରୀ ସାତ ତୂରୀ ବହିବେ; ଆଉ ସପ୍ତମ ଦିନ ତୁମ୍ଭେମାନେ ସାତ ଥର ନଗର ପ୍ରଦକ୍ଷିଣ କରିବ ଓ ଯାଜକମାନେ ତୂରୀ ବଜାଇବେ; [5] ଏଥିରେ ଯେତେବେଳେ ସେମାନେ ମହାଶବ୍ଦକାରୀ ଶିଙ୍ଗାରେ ଦୀର୍ଘଧ୍ୱନି କରିବେ ଓ ଯେତେବେଳେ ତୁମ୍ଭେମାନେ ସେହି

ତୂରୀ ଶବ୍ଦ ଶୁଣିବ, ସେତେବେଳେ ସମସ୍ତ ଲୋକ ମହାଜୟଧ୍ୱନିରେ ଜୟଧ୍ୱନି କରିବେ; ତହିଁରେ ନଗରର ପ୍ରାଚୀର ପଡ଼ି ସମଭୂମି ହେବ ଓ ଲୋକମାନେ ପ୍ରତ୍ୟେକେ ଆପଣା ଆପଣା ସମ୍ମୁଖସ୍ଥ ପଥ ଦେଇ ଉଠିଯିବେ।
→ ଯିହୋଶୂୟ ଆଜ୍ଞାବହ ହେଲେ, ଏବଂ ତାଙ୍କର ଆଜ୍ଞାବହତା ଏକ ଚମତ୍କାର ବିଜୟ ଆଡ଼କୁ ନେଇଗଲା ।

**ନୋହଙ୍କ କାହାଣୀ ଆଦିପୁସ୍ତକ ୬-୯ ପଦରେ ଦେଖାଯାଏ:**

**ଆଦିପୁସ୍ତକ ୬-୯ପଦ** ନୋହଙ୍କର ବଂଶାବଳୀ ଏହି ।ନୋହ ଆପଣା ସେହି ସମୟର ଲୋକମାନଙ୍କ ମଧ୍ୟରେ ଧାର୍ମିକ ଓ ସାଧୁ ଲୋକ ଥିଲେ; ନୋହ ପରମେଶ୍ୱରଙ୍କ ସହିତ ଗମନାଗମନ କଲେ ।

**ଆଦିପୁସ୍ତକ ୬:୧୨-୧୫** ୧୨ପୁଣି, ପରମେଶ୍ୱର ପୃଥିବୀରେ ଦୃଷ୍ଟିପାତ କରି ଦେଖିଲେ ଯେ, ତାହା ଭ୍ରଷ୍ଟ ହୋଇଅଛି;
ଯେହେତୁ ପୃଥିବୀସ୍ଥ ସମସ୍ତ ପ୍ରାଣୀ ଭ୍ରଷ୍ଟାଚାରୀ ହୋଇଅଛନ୍ତି ୧୩ ତହୁଁ ପରମେଶ୍ୱର ନୋହଙ୍କୁ କହିଲେ, "ଆମ୍ଭ
ଗୋଚରରେ ସମୁଦାୟ ପ୍ରାଣୀର ଅନ୍ତିମକାଳ ଉପସ୍ଥିତ ହେଲା; ଯେହେତୁ ସେମାନଙ୍କ ଦ୍ୱାରା ପୃଥିବୀ ଦୌରାତ୍ମ୍ୟରେ
ପରିପୂର୍ଣ୍ଣ ହୋଇଅଛି; ପୁଣି, ଦେଖ, ଆମ୍ଭେ ପୃଥିବୀ ସହିତ ସେମାନଙ୍କୁ ବିନଷ୍ଟ କରିବା ୧୪ ତୁମ୍ଭେ ଆପଣା ନିମନ୍ତେ
ଦେବଦାରୁ ଜାତୀୟ ବୃକ୍ଷର କାଷ୍ଠରେ ଗୋଟିଏ ଜାହାଜ ନିର୍ମାଣ କର; ତହିଁ ମଧ୍ୟରେ ନାନା କୋଠରି ବନାଇ ତହିଁର
ଭିତର ଓ ବାହାର ଝୁଣା ଦ୍ୱାରା ଲେପନ କର ୧୫ ତାହା ଏହି ପ୍ରକାରେ ନିର୍ମାଣ କରିବ; ଦୀର୍ଘରେ ତିନିଶହ ହାତ,
ପ୍ରସ୍ଥରେ ପଚାଶ ହାତ, ଉଚ୍ଚରେ ତିରିଶ ହାତ ହେବ ।

**ଆଦିପୁସ୍ତକ ୬:୨୨ ପଦ** ତହିଁରେ ନୋହ ସେରୂପ କଲେ; ପରମେଶ୍ୱରଙ୍କ ଆଜ୍ଞାନୁସାରେ ସେ ସମସ୍ତ କର୍ମ କଲେ ।

**ଏବ୍ରୀ ୧୧:୭ ପଦ** ବିଶ୍ୱାସ ଦ୍ୱାରା ନୋହ, ଅଦୃଶ୍ୟ ବିଷୟ ବିଷୟରେ ସତର୍କ ହୋଇ ଭକ୍ତି ସହିତ ନିଜ ପରିବାରର ପରିତ୍ରାଣ ପାଇଁ ଏକ ଜାହାଜ ନିର୍ମାଣ କଲେ | ଏହି ଦ୍ୱାରା ସେ ଜଗତକୁ ଦୋଷୀ କଲେ ଏବଂ ବିଶ୍ୱାସ ଦ୍ୱାରା ଆସେ ଧାର୍ମିକତାକୁ ଅଧିକାର କଲେ |

**ଗିଦିୟୋନ ବାଧ୍ୟ ହୋଇ ରାତିର ମଧ୍ୟଭାଗରେ ପ୍ରତିମାଗୁଡ଼ିକୁ ଭାଙ୍ଗି ପକାଇଲେ ।**

**ବିଚାରକର୍ତ୍ତା ୬:୨୫-୩୨ପଦ** ୨୫ ଏଥିଉତ୍ତାରେ ସେହି ରାତ୍ରିରେ ସଦାପ୍ରଭୁ ତାଙ୍କୁ କହିଲେ, ତୁମ୍ଭେ ଆପଣା ପିତାର
ଗୋବତ୍ସକୁ, ଅର୍ଥାତ୍, ସାତ ବର୍ଷର ଦ୍ୱିତୀୟ ଗୋବତ୍ସକୁ ନିଅ, ତୁମ୍ଭ ପିତାର ଥିବା ବାଲ୍‍ଦେବତାର ଯଜ୍ଞବେଦି ଭାଙ୍ଗି
ପକାଅ ଓ ତନ୍ନିକଟସ୍ଥ ଆଶେରାର ମୂର୍ତ୍ତି କାଟି ପକାଅ; ୨୬ ପୁଣି ଏହି ଗଡ଼ ଉପରେ ରୀତି ଅନୁସାରେ ସଦାପ୍ରଭୁ ତୁମ୍ଭ
ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ଏକ ଯଜ୍ଞବେଦି ନିର୍ମାଣ କର, ଆଉ ତୁମ୍ଭେ ଯେଉଁ ଆଶେରାର ମୂର୍ତ୍ତି ଛେଦନ କରିବ,
ତହିଁର କାଷ୍ଠ ନେଇ ସେହି ଦ୍ୱିତୀୟ ଗୋବତ୍ସକୁ ହୋମବଳି ରୂପେ ଉତ୍ସର୍ଗ କର ୨୭ **ତହିଁରେ ଗିଦିୟୋନ୍ ଆପଣା
ଦାସମାନଙ୍କ ମଧ୍ୟରୁ ଦଶଜଣଙ୍କୁ ସଙ୍ଗରେ ନେଲେ ଓ ସଦାପ୍ରଭୁ ଯେପରି କହିଥିଲେ, ସେପରି କଲେ, ମାତ୍ର ଆପଣା
ପିତୃପରିବାର ଓ ନଗରସ୍ଥ ଲୋକମାନଙ୍କୁ ଭୟ କରିବାରୁ ସେ ଦିନ ବେଳେ ତାହା କରି ନ ପାରି ରାତ୍ରି ବେଳେ ତାହା
କଲେ ।**

**ଦାଉଦ ପ୍ରଭୁଙ୍କୁ ପଚାରିଲେ ଏବଂ ପ୍ରଭୁ ତାଙ୍କୁ ତାଙ୍କ ଶତ୍ରୁମାନଙ୍କୁ ଗୋଡ଼ାଇବାକୁ କହିବାରୁ ସେ ତାଙ୍କ କଥା ମାନିଲେ ।**

**୧ ଶାମୁୟେଲ ୩୦:୮-୯ପଦରେ** ସେତେବେଳେ ଦାଉଦ ସଦାପ୍ରଭୁଙ୍କ ନିକଟରେ ପଚାରି କହିଲେ, ମୁଁ ଏହି ସୈନ୍ୟଦଳର ପଛେ ପଛେ ଗୋଡ଼ାଇଲେ କି ସେମାନଙ୍କର ସଙ୍ଗ ଧରି ପାରିବି ? ତହିଁରେ ସେ ତାଙ୍କୁ କହିଲେ, ପଛେ ପଛେ ଯାଅ; କାରଣ ତୁମ୍ଭେ ନିଶ୍ଚୟ ସେମାନଙ୍କର ସଙ୍ଗ ଧରିବ ଓ ବିଫଳ ନୋହି ସମସ୍ତଙ୍କୁ ଉଦ୍ଧାର କରିବ ।

**ପ୍ରେରିତମାନେ ଆଜ୍ଞାପାଳନକୁ ବୁଝିପାରିଥିଲେ ।**

ଧାର୍ମିକ ନେତାମାନେ ପ୍ରେରିତମାନଙ୍କୁ ଯୀଶୁଙ୍କ ନାମରେ କଥା କହିବାକୁ ବାରଣ କରିଥିଲେ ।

**ପ୍ରେରିତ ୨:୨୯ପଦରେ** ପିତର ଏବଂ ଅନ୍ୟ ପ୍ରେରିତମାନେ ସାହସର ସହିତ ଘୋଷଣା କରିଥିଲେ: "ମନୁଷ୍ୟମାନଙ୍କର ଆଜ୍ଞା ଅପେକ୍ଷା ବରଂ ଈଶ୍ୱରଙ୍କ ଆଜ୍ଞା ପାଳନ କରିବା କର୍ତ୍ତବ୍ୟ ।"

**ରୋମୀୟ ୧:୫** ପାଉଲ କହିଥିଲେ ଯେ ସେ "ଆଉ, ଯେଉଁ ଅଣଯିହୂଦୀମାନଙ୍କ ମଧ୍ୟରେ ତୁମ୍ଭେମାନେ ଯୀଶୁ ଖ୍ରୀଷ୍ଟଙ୍କର ପ୍ରେରିତ ହୋଇଅଛ" **ବିଶ୍ୱାସ ଦ୍ୱାରା ଅନୁଗ୍ରହ ଏବଂ ପ୍ରେରିତ ପଦ ପାଇଥିଲେ ।**

**୧ମ ଯୋହନ ୨:୩-୪,** ଯୋହନ ଲେଖିଛନ୍ତି: "ଯଦି ଆମ୍ଭେମାନେ ତାହାଙ୍କ ଆଜ୍ଞା ପାଳନ କରୁ, ତେବେ ତଦ୍ୱାରା ଜ୍ଞାତ ହେଉ ଯେ, ଆମ୍ଭେମାନେ ତାହାଙ୍କୁ ଜାଣୁ ।ତାହାଙ୍କ ଆଜ୍ଞା ପାଳନ ନ କରି ତାହାଙ୍କୁ ଜାଣେ ବୋଲି ଯେ କହେ, ସେ ମିଥ୍ୟାବାଦୀ ଓ ତାହାଠାରେ ସତ୍ୟ ନାହିଁ ।"

## ୪. ବାଇବଲରେ ଅନାଜ୍ଞାବହ ଲୋକ ।

ଆଦମ ଏବଂ ହବା ଶୟତାନ ଦ୍ୱାରା ପ୍ରତାରିତ ହୋଇଥିଲେ ।
**ଆଦିପୁସ୍ତକ ୨ ପର୍ବରେ** ପରମେଶ୍ୱର ଆଦମଙ୍କୁ କହିଛନ୍ତି ଯେ ସେ ସଦସତ୍ ଜ୍ଞାନଦାୟକ ବୃକ୍ଷର ଫଳ ବ୍ୟତୀତ ଉଦ୍ୟାନର ଯେକୌଣସି ଗଛରୁ ଖାଇପାରିବେ ।

**ଆଦିପୁସ୍ତକ ୩:୯-୧୨ପଦ** ତହିଁରେ ସଦାପ୍ରଭୁ ପରମେଶ୍ୱର ଆଦମଙ୍କୁ ଡାକି କହିଲେ, "ତୁମ୍ଭେ କେଉଁଠାରେ ?" [10]ସେ ଉତ୍ତର କଲେ, "ମୁଁ ଉଦ୍ୟାନ ମଧ୍ୟରେ ତୁମ୍ଭ ରବ ଶୁଣି ଆପଣା ଉଲଙ୍ଗତା ସକାଶେ ଭୀତ ହୋଇ ଲୁଚିଲି ।" [11]ପରମେଶ୍ୱର କହିଲେ, "ତୁମ୍ଭେ ଉଲଙ୍ଗ ଅଛ, ଏହା କିଏ ତୁମ୍ଭକୁ ଜଣାଇଲା ? ଆମ୍ଭେ ଯେଉଁ ବୃକ୍ଷର ଫଳ ଖାଇବାକୁ ନିଷେଧ କରିଥିଲୁ, ତାହା କି ତୁମ୍ଭେ ଖାଇଅଛ ?" [12]ଆଦମ କହିଲେ, "ତୁମ୍ଭେ ଯେଉଁ ସ୍ତ୍ରୀଙ୍କୁ ମୋହର ସଙ୍ଗିନୀ ହେବାକୁ ଦେଇଅଛ, ସେ ମୋତେ ସେହି ବୃକ୍ଷର ଫଳ ଦେଲେ, ତହିଁରେ ମୁଁ ଖାଇଲି ।"

**ଇସ୍ରାଏଲ ବିଦ୍ରୋହୀ ଏବଂ ଅବିଶ୍ୱାସରେ ପରିପୂର୍ଣ୍ଣ ଥିଲା।**
ଇସ୍ରାଏଲର ଇତିହାସ ଅବିଶ୍ୱାସ ବିରୁଦ୍ଧରେ ଏକ ଚେତାବନୀ ଭାବରେ କାର୍ଯ୍ୟ କରେ ।ମିଶରରୁ ପରମେଶ୍ୱରଙ୍କ ଚମତ୍କାର ମୁକ୍ତି ଦେଖିବା ସତ୍ତ୍ୱେ, ଅନେକ ଇସ୍ରାଏଲୀୟ ପରମେଶ୍ୱରଙ୍କ ବିରୁଦ୍ଧରେ ବିଦ୍ରୋହ କଲେ ଏବଂ ମୃତ୍ୟୁବରଣ କଲେ ।

**ପ୍ରାନ୍ତରରେ ବାସକରୁଥିବା ପିଢ଼ି (ଗଣନା ୧୪:୨୬-୩୫)।**
ମିଶରରୁ ଆଶ୍ଚର୍ଯ୍ୟଜନକ ଭାବରେ ଉଦ୍ଧାର ପାଇବା ପରେ, ଇସ୍ରାଏଲୀୟମାନେ ପରମେଶ୍ୱର ଏବଂ ମୋଶାଙ୍କୁ ବିଶ୍ୱାସ ଏବଂ ଆଜ୍ଞା ପାଳନ କରିବାକୁ ମନା କଲେ ।ସେମାନେ କେବଳ ଦୁଇଜଣ ବିଶ୍ୱସ୍ତଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ବିଦ୍ରୋହ କଲେ: ଯିହୋଶୂୟ ଏବଂ କାଲେବ ।
**ଫଳାଫଳ: ସେମାନେ ପ୍ରତିଜ୍ଞାତ ଦେଶରେ ପ୍ରବେଶ କରିବା ପରିବର୍ତ୍ତେ ପ୍ରାନ୍ତରରେ ବିନଷ୍ଟ ହେଲେ ।**
**ଗଣନା ୧୪:୨୦-୨୩** [୨୦] ତହିଁରେ ସଦାପ୍ରଭୁ କହିଲେ, "ଆମ୍ଭେ ତୁମ୍ଭର ଅନୁରୋଧନୁସାରେ ସେମାନଙ୍କୁ କ୍ଷମା କଲୁ ।[୨୧] ମାତ୍ର ଯଦି ଆମ୍ଭେ ଜୀବିତ ହେଉ, ଆଉ ଯଦି ଏହି ସମସ୍ତ ପୃଥିବୀ ସଦାପ୍ରଭୁଙ୍କ ପ୍ରତାପରେ ପରିପୂର୍ଣ୍ଣ ହେବ, [୨୨]ତେବେ ଏମାନଙ୍କ ମଧ୍ୟରୁ ଯେତେ ଲୋକ ଆମ୍ଭର ପ୍ରତାପ, ପୁଣି, ମିସରରେ ଓ ପ୍ରାନ୍ତରରେ କୃତ ଆମ୍ଭର ଚିହ୍ନ ସ୍ୱରୂପ କର୍ମ ଦେଖିଲେ ମଧ୍ୟ ଦଶଥର ଆମ୍ଭର ପରୀକ୍ଷା କରିଅଛନ୍ତି ଓ ଆମ୍ଭ ରବରେ ଅମନୋଯୋଗୀ ହୋଇଅଛନ୍ତି, [୨୩] ସେମାନଙ୍କ ପୂର୍ବପୁରୁଷମାନଙ୍କ ପ୍ରତି ଆମ୍ଭେ ଯେଉଁ ଦେଶ ବିଷୟରେ ଶପଥ କରିଅଛୁ, ନିଶ୍ଚୟ ଏମାନଙ୍କ ମଧ୍ୟରୁ କେହି ସେହି ଦେଶ ଦେଖି ପାରିବେ ନାହିଁ; କିଅବା ଯେଉଁମାନେ ଆମ୍ଭଙ୍କୁ ଅବଜ୍ଞା କରିଅଛନ୍ତି, ସେମାନଙ୍କ ମଧ୍ୟରୁ କେହି ତାହା ଦେଖିବ ନାହିଁ ।

**ବିଚାରକର୍ତ୍ତାମାନଙ୍କ ସମୟ (ବିଚାରକର୍ତ୍ତା** ୨:୧୦-୨୩ ) ବିଚାରକର୍ତ୍ତାମାନଙ୍କ ପୁସ୍ତକ ବର୍ଣ୍ଣନା କରେ ଯେ ଇସ୍ରାଏଲୀୟମାନେ କିପରି ବାରମ୍ବାର ପରମେଶ୍ୱରଙ୍କଠାରୁ ଦୂରେଇ ଯାଇ ପ୍ରତିମାଗୁଡ଼ିକୁ ଅନୁସରଣ କରୁଥିଲେ । ପରିଣାମ ସ୍ୱରୂପ ସେମାନଙ୍କର ପରାଜୟ ହୋଇଥିଲା ।ଯେତେବେଳେ ସେମାନେ ଅନୁତାପ କରିଥିଲେ, ପରମେଶ୍ୱର ସେମାନଙ୍କୁ ଉଦ୍ଧାର କରିବେ, କିନ୍ତୁ ସେମାନଙ୍କର ଅବାଧ୍ୟତାର ଧାରା ସେମାନଙ୍କ ପାଇଁ ଜୀବନକୁ କଷ୍ଟକର କରିଦେଇଥିଲା ।

**ରାଜାମାନଙ୍କ ସମୟ: ଇସ୍ରାଏଲ ଏବଂ ଯିହୂଦାର ପତନ ।**
ପ୍ରାୟ 40 ରାଜାଙ୍କ ମଧ୍ୟରୁ କେବଳ 8 ଜଣ ଭଲ ରାଜା ଥିଲେ ।
ଭବିଷ୍ୟଦ୍‌ବକ୍ତାଗଣଙ୍କ ଦ୍ୱାରା ଅନେକ ଚେତାବନୀ ସତ୍ତ୍ୱେ, ଇସ୍ରାଏଲର ଉତ୍ତର ରାଜ୍ୟ ଏବଂ ଦକ୍ଷିଣ ଯିହୂଦା ରାଜ୍ୟ ଉଭୟ ମୂର୍ତ୍ତିପୂଜା ଏବଂ ବ୍ୟଭିଚାରରେ ପଡ଼ି ପରମେଶ୍ୱରଙ୍କ ଆଜ୍ଞା ବିରୁଦ୍ଧରେ ବିଦ୍ରୋହାଚରଣ କେଲ । ସେମାନଙ୍କର ଅବାଧ୍ୟତା ଶେଷରେ ସେମାନଙ୍କୁ ନିର୍ବାସନ କରାଇଲା - ଖ୍ରୀଷ୍ଟପୂର୍ବ ୭୨୨ ରେ ଆସିରିଆ ଦ୍ୱାରା ଇସ୍ରାଏଲ ଏବଂ ଖ୍ରୀଷ୍ଟପୂର୍ବ ୫୮୬ ରେ ବାବିଲନ ଦ୍ୱାରା ଯିହୂଦା (୨ୟ ରାଜା ୧୭:୭-୨୩, ୨ୟ ବଂଶାବଳୀ ୩୬:୧୫-୨୧)।

ଇସ୍ରାଏଲର ଇତିହାସ ଏକ ସ୍ମରଣକାରୀ ଯେ **ଅବାଧ୍ୟତା ବିନାଶ ଆଡ଼କୁ ନେଇଯାଏ ।**

ଲୋଟଙ୍କ ସ୍ତ୍ରୀ **ଅବାଧ୍ୟ ହେଲେ ଏବଂ ପାପମୟ ସଦୋମ ଏବଂ ଗମୋରାକୁ ପଛକୁ ଚାହିଁଲେ ।**
**ଆଦିପୁସ୍ତକ ୧୯:** 15ଆରଦିନ ପ୍ରଭାତ ହୁଅନ୍ତେ, ଦୂତମାନେ ଲୋଟକୁ ଚଞ୍ଚଳ କରାଇ କହିଲେ, "ଉଠ, ଆପଣାର ଭାର୍ଯ୍ୟା ଓ ଏହି ଯେଉଁ ଦୁଇ କନ୍ୟା ଏଠାରେ ଅଛନ୍ତି, ସେମାନଙ୍କୁ ଘେନିଯାଅ; ନୋହିଲେ ନଗରର ଦଣ୍ଡରେ ବିନଷ୍ଟ ହେବ ।
(ସେମାନେ ସେମାନଙ୍କୁ ପଛକୁ ନ ଚାହିଁବାକୁ ଆଜ୍ଞା ଦେଲେ)
୨୬ ସେହି ସମୟରେ ଲୋଟର ଭାର୍ଯ୍ୟା ପଛଆଡ଼କୁ ଅନାଇବାରୁ ସେ ଲବଣ ସ୍ତମ୍ଭ ହେଲା ।

ରାଜା ଶାଉଲ: **ଆଂଶିକ ଆଜ୍ଞାବହତା ବି ଅବଜ୍ଞା ଅଟେ ।**
ରାଜା ଶାଉଲଙ୍କୁ ଅମାଲେକୀୟମାନଙ୍କୁ ସମ୍ପୂର୍ଣ୍ଣ ବିନାଶ କରିବାକୁ ଆଦେଶ ଦିଆଯାଇଥିଲା, କିନ୍ତୁ ଏହା ବଦଳରେ, ସେ ରାଜା ଆଗାଗ ଏବଂ ସର୍ବୋତ୍ତମ ପଶୁପାଳନକୁ ବଞ୍ଚାଇ ଦେଲେ, ପରମେଶ୍ୱରଙ୍କ ନିକଟରେ ବଳିଦାନ ଉତ୍ସର୍ଗ କରିବାକୁ ଚାହୁଁଥିବା ଦାବି କରି ତାଙ୍କର ଅମାନ୍ୟତାକୁ ଯଥାର୍ଥ କଲେ।

**୧ ଶାମୁୟେଲ ୧୫:୨୨-୨୩:** "ତହିଁରେ ଶାମୁୟେଲ କହିଲେ, ଯେପରି ସଦାପ୍ରଭୁଙ୍କ ରବ ଶୁଣିବାରେ, ସେପରି କି ହୋମ ଓ ବଳିଦାନରେ ସଦାପ୍ରଭୁଙ୍କର ସନ୍ତୋଷ ହୁଏ ? ଦେଖ, ଶୁଣିବା ବଳିଦାନଠାରୁ ଓ ମନୋଯୋଗୀ ହେବା ମେଷମେଦଠାରୁ ଉତ୍ତମ ।ଯେହେତୁ ବିଦ୍ରୋହ ମନ୍ତ୍ରପାଠ ପାପ ତୁଲ୍ୟ ଓ ଅବାଧ୍ୟତା ଅବସ୍ତୁର ଓ ଠାକୁରମାନର ପୂଜା ତୁଲ୍ୟ ।ତୁମ୍ଭେ ସଦାପ୍ରଭୁଙ୍କ ବାକ୍ୟ ତୁଚ୍ଛ କରିଅଛ, ଏଥିପାଇଁ ସେ ମଧ୍ୟ ତୁମ୍ଭକୁ ରାଜା ହୋଇ ଥିବା ପାଇଁ ତୁଚ୍ଛ କରିଅଛନ୍ତି ।

ହନନୀୟ ଓ ଶଫୀରା: **ପ୍ରେରିତ ୫ ପର୍ବରେ, ସେମାନେ ଅବାଧ୍ୟ ହୋଇଥିଲେ ଏବଂ ତୁରନ୍ତ ଦଣ୍ଡ ପାଇଲେ ।**
ହନନିୟ ଏବଂ ଶଫୀରା ସେମାନଙ୍କ ସମ୍ପତ୍ତି ବିକ୍ରୟରୁ ଲାଭ ବିଷୟରେ ପବିତ୍ର ଆତ୍ମାଙ୍କ ନିକଟରେ ମିଥ୍ୟା କହିଥିଲେ ।ସେଥିପାଇଁ ସେମାନେ ମୃତ୍ୟୁବରଣ କରିଥିଲେ ।ଏହି ଅବାଧ୍ୟତା କାର୍ଯ୍ୟ ପ୍ରାରମ୍ଭିକ ମଣ୍ଡଳୀକୁ ପାପର ଗମ୍ଭୀରତା

ବିଷୟରେ ଏକ ଦୃଢ଼ ଚେତାବନୀ ଭାବରେ କାର୍ଯ୍ୟ କରେ ।ସେହି ତୁରନ୍ତ ବିଚାର ଦ୍ୱାରା ପ୍ରାରମ୍ଭିକ ମଣ୍ଡଳୀରେ ପରମେଶ୍ୱରଙ୍କ ଭୟ ସ୍ଥାପିତ ହୋଇଥିଲା ।

**କରିନ୍ଥୀୟ ମଣ୍ଡଳୀ ବ୍ୟଭିଚାର ଏବଂ ପ୍ରତିମାପୂଜାରେ ଲିପ୍ତ ଥିଲା ।**

୧ କରିନ୍ଥୀୟ ୧୦:୨୧ପଦ ତୁମ୍ଭେମାନେ ପ୍ରଭୁଙ୍କ ପାନପାତ୍ର ଓ ଭୂତମାନଙ୍କ ପାନପାତ୍ର ଉଭୟରେ ପାନ କରି ପାର ନାହିଁ; ତୁମ୍ଭେମାନେ ପ୍ରଭୁଙ୍କ ମେଜ ଓ ଭୂତମାନଙ୍କ ମେଜ ଉଭୟର ଅଂଶୀ ହୋଇ ପାର ନାହିଁ ।→ ୧. କରିନ୍ଥୀୟ ୬:୯-୧୦ କୌଣସି ବ୍ୟଭିଚାରୀ କିମ୍ବା ପ୍ରତିମାପୂଜକ ପରମେଶ୍ୱରଙ୍କ ରାଜ୍ୟର ଅଧିକାରୀ ହେବେ ନାହିଁ ।

**ତୀତସ ୧:୧୬ପଦ** ସେମାନେ (ମନୁଷ୍ୟର ବ୍ୟବସ୍ଥା କିମ୍ବା ପରମ୍ପରା ଅନୁସରଣ କରୁଥିବା ଲୋକମାନେ, ସତ୍ୟକୁ ଅଗ୍ରାହ୍ୟ କରୁଥିବା ଲୋକମାନେ) ସେମାନେ ଈଶ୍ୱରଙ୍କୁ ଜାଣନ୍ତି ବୋଲି ସ୍ୱୀକାର କରନ୍ତି; ସେମାନେ ଘୃଣ୍ୟ ଓ ଅବାଧ୍ୟ ପୁଣି, ସମସ୍ତ ସତ୍କର୍ମର ଅଯୋଗ୍ୟ ।

## ୫. ଯୀଶୁ ଚେତାବନୀ ଦେଇଛନ୍ତି: ଅନାଜ୍ଞାବହ ଲୋକ ତାଙ୍କ ରାଜ୍ୟର ଉତ୍ତରାଧିକାରୀ ହେବେ ନାହିଁ ।

**ପରିଚାରକମାନଙ୍କ ପାଇଁ ସତର୍କବାଣୀ: ମାଥିଉ ୭:୨୧-୨୩ପଦ: (ଯୀଶୁ କହୁଅଛନ୍ତି)** "ମୋତେ ପ୍ରଭୁ, ପ୍ରଭୁ ବୋଲି ଡାକନ୍ତି, ଏପରି ପ୍ରତ୍ୟେକେ ସ୍ୱର୍ଗରାଜ୍ୟରେ ପ୍ରବେଶ କରିବେ ନାହିଁ, ମାତ୍ର ଯେ ମୋହର ସ୍ୱର୍ଗସ୍ଥ ପିତାଙ୍କ ଇଚ୍ଛା ସାଧନ କରେ, ସେ ପ୍ରବେଶ କରିବ ।ସେ ଦିନ ଅନେକେ ମୋତେ କହିବେ, ହେ ପ୍ରଭୁ, ହେ ପ୍ରଭୁ, ଆମ୍ଭେମାନେ କି ତୁମ୍ଭ ନାମରେ ଭାବବାଣୀ କହିଲୁ ନାହିଁ ? ପୁଣି, ତୁମ୍ଭ ନାମରେ କି ଭୂତମାନଙ୍କୁ ଛଡ଼ାଇଲୁ ନାହିଁ ? ଆଉ ତୁମ୍ଭ ନାମରେ କି ଅନେକ ଆଶ୍ଚର୍ଯ୍ୟର କାର୍ଯ୍ୟ କଲୁ ନାହିଁ ? ସେତେବେଳେ ମୁଁ ସେମାନଙ୍କୁ ସ୍ପଷ୍ଟରୂପେ କହିବି, ମୁଁ ତୁମ୍ଭମାନଙ୍କୁ କେବେ ହେଁ ଜାଣି ନାହିଁ ।ହେ ଅଧର୍ମାଚାରୀମାନେ ମୋ ପାଖରୁ ଦୂର ହୁଅ ।

**ମାଥିଉ ୨୫:୧୪-୩୦ ତୋଡ଼ାର ଦୃଷ୍ଟାନ୍ତ ।**

ଜଣେ ମାଲିକ ତାଙ୍କ ଦାସମାନଙ୍କୁ ତୋଡ଼ା ଦେଲେ ।ଦୁଇଜଣ ସେମାନଙ୍କର ପ୍ର ତୋଡ଼ାକୁ ବହୁଗୁଣ କଲେ, କିନ୍ତୁ ଜଣେ ତୋଡ଼ାର ଦାସ ତାଙ୍କ ପ୍ରଦତ୍ତ ତୋଡ଼ାରେ କିଛି କଲେ ନାହିଁ **ଅଳସୁଆ ଦାସ କହିଲା**:
୨୫ ଏଣୁ ଭୟ କରି ମୁଁ ଯାଇ ଆପଣଙ୍କ ତୋଡ଼ା ମାଟିରେ ପୋତି ଲୁଚାଇ ରଖିଲି; ଦେଖନ୍ତୁ, ଆପଣ ନିଜର ଧନ
ପାଇଲେ ।୨୬ କିନ୍ତୁ ତାହାର ପ୍ରଭୁ ତାହାକୁ ଉତ୍ତର ଦେଲେ, ରେ ଦୁଷ୍ଟ ଓ ଅଳସ ଦାସ,! ...... ୩୦ ଆଉ, ତୁମ୍ଭେମାନେ
ଏହି ଅକର୍ମଣ୍ୟ ଦାସକୁ ବାହାର ଅନ୍ଧକାରରେ ପକାଇଦିଅ, ସେଠାରେ ରୋଦନ ଓ ଦନ୍ତର କିଡ଼ିମିଡ଼ି ହେବ ।

**ସମସ୍ତ ପିଲାମାନଙ୍କ ପାଇଁ ସତର୍କବାଣୀ: ଲୂକ ୧୩:୨୨-୨୬**

୨୨ ଏହାପରେ ସେ ନଗରେ ନଗରେ ଓ ଗ୍ରାମେ ଗ୍ରାମେ ଭ୍ରମଣ କରି ଶିକ୍ଷା ଦେଉ ଦେଉ ଯିରୂଶାଲମ ଆଡ଼କୁ ଯାତ୍ରା
କରୁଥିଲେ ।୨୩ ଆଉ, ଜଣେ ତାହାଙ୍କୁ କହିଲେ, ପ୍ରଭୁ, ପରିତ୍ରାଣ ପାଇବା ଲୋକମାନଙ୍କ ସଂଖ୍ୟା କ' ଣ ଅଳ୍ପ ?
ସେଥିରେ ସେ ସେମାନଙ୍କୁ କହିଲେ, ୨୪ ସଂକୀର୍ଣ୍ଣ ଦ୍ୱାର ଦେଇ ପ୍ରବେଶ କରିବାକୁ ପ୍ରାଣପଣ କର, କାରଣ ମୁଁ
ତୁମ୍ଭମାନଙ୍କୁ କହୁଅଛି ? ଅନେକ ପ୍ରବେଶ କରିବା ନିମନ୍ତେ ଚେଷ୍ଟା କରିବେ, କିନ୍ତୁ ପାରିବେ ନାହିଁ ।
25 ଘରର ମୁଖ୍ୟ ଲୋକ ଉଠି ଦ୍ୱାର ବନ୍ଦ କଲା ପରେ ଯେତେବେଳେ ତୁମ୍ଭେମାନେ ବାହାରେ ଠିଆ ହୋଇ ରହିବ
ଓ ହେ ପ୍ରଭୁ, ଆମ୍ଭମାନଙ୍କ ନିମନ୍ତେ ଦ୍ୱାର ଫିଟାନ୍ତୁ, ଏହା କହି ଦ୍ୱାରରେ ମାରିବାକୁ ଲାଗିବ, ସେତେବେଳେ ସେ
ତୁମ୍ଭମାନଙ୍କୁ ଉତ୍ତର ଦେବେ, ତୁମ୍ଭେମାନେ କେଉଁ ସ୍ଥାନର ଲୋକ, ତାହା ମୁଁ ଜାଣେ ନାହିଁ ।୨୬ **ସେହି ସମୟରେ
ତୁମ୍ଭେମାନେ କହିବାକୁ ଲାଗିବ, ଆମ୍ଭେମାନେ ଆପଣଙ୍କ ସାକ୍ଷାତରେ ଭୋଜନପାନ କଲୁ, ପୁଣି, ଆପଣ**

**ଆମ୍ଭମାନଙ୍କ ଦାଣ୍ଡମାନଙ୍କରେ ଶିକ୍ଷା ଦେଲେ;** [27]ଆଉ, ସେ ତୁମ୍ଭମାନଙ୍କୁ କହିବେ, ତୁମ୍ଭେମାନେ କେଉଁ ସ୍ଥାନର ଲୋକ, ତାହା ମୁଁ ଜାଣେ ନାହିଁ; ହେ ଅଧର୍ମାଚାରୀ ସମସ୍ତେ ମୋʼ ପାଖରୁ ଦୂର ହୁଅ ।

## ୬. ଶାସ୍ତ୍ରରେ ଉଲ୍ଲେଖ କରାଯାଇଥିବା ବିଭିନ୍ନ ପ୍ରକାରର ବିଶ୍ୱାସ ।

- **ମୃତ ବିଶ୍ୱାସ: ଯାକୁବ ୨:୧୭ପଦ** ସେହିପରି ବିଶ୍ୱାସ, ଯଦି ଏହାର କୌଣସି କାର୍ଯ୍ୟ ନାହିଁ, ତେବେ ତାହା ମୃତ ଅଟେ ।

- **ଭୂତାତ୍ମା ବିଶ୍ୱାସ: ଯାକୁବ ୨:୧୯ପଦ** ଯୀଶୁଙ୍କ ନାମରେ ଭୂତମାନେ ମଧ୍ୟ ବିଶ୍ୱାସ କରନ୍ତି ଏବଂ ଥରହର ହୁଅନ୍ତି । (ଭୂତାତ୍ମା ବିଶ୍ୱାସ ଏକ କେବଳ ବୌଦ୍ଧିକ ବିଶ୍ୱାସ ଅଟେ ।)

- **ବୃଥା ବିଶ୍ୱାସ: ମାଥିଉ ୭:୨୧-** ମୋତେ ପ୍ରଭୁ, ପ୍ରଭୁ ବୋଲି ଡାକନ୍ତି, ଏପରି ପ୍ରତ୍ୟେକେ ସ୍ୱର୍ଗରାଜ୍ୟରେ ପ୍ରବେଶ କରିବେ ନାହିଁ, ମାତ୍ର ଯେ ମୋହର ସ୍ୱର୍ଗସ୍ଥ ପିତାଙ୍କ ଇଚ୍ଛା ସାଧନ କରେ, ସେ ପ୍ରବେଶ କରିବ ।

- **ରକ୍ଷାକାରୀ ବିଶ୍ୱାସ 1 ପିତର 1:8-୨ପଦ:** ତୁମ୍ଭେମାନେ ତାହାଙ୍କୁ ନ ଦେଖି ପ୍ରେମ କରୁଅଛ, ପୁଣି, ଏବେ ସୁଦ୍ଧା ନ ଦେଖିଲେ ହେଁ ତାହାଙ୍କଠାରେ ବିଶ୍ୱାସ କରି ଅକଥନୀୟ ଓ ଗୌରବଯୁକ୍ତ ଆନନ୍ଦରେ [୯] ଆନନ୍ଦିତ ହୋଇ ତୁମ୍ଭମାନଙ୍କ ବିଶ୍ୱାସର ଫଳ ଯେ ଆତ୍ମାର ପରିତ୍ରାଣ, ତାହା ପାଉଅଛ।

## ୭. ଆଜ୍ଞାପାଳନକାରୀ ହେବା ପାଇଁ କʼଣ ଆବଶ୍ୟକ ?

### ୭.୧. ପରମେଶ୍ୱରଙ୍କ ବାକ୍ୟ ।

ପରମେଶ୍ୱରଙ୍କ ବାକ୍ୟ ଆମକୁ ପରମେଶ୍ୱରଙ୍କ ଇଚ୍ଛା ଏବଂ ତାଙ୍କ ପଥ ବିଷୟରେ ସୂଚନା ଦିଏ ।ତାଙ୍କ ପଥ ଆମ ପଥ ଅପେକ୍ଷା ଉଚ୍ଚତର ।ହିତୋପଦେଶରେ ଆମକୁ ଆମ ନିଜସ୍ୱ ବୁଦ୍ଧି ଉପରେ ନିର୍ଭର ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।ଆମକୁ ଆତ୍ମସମର୍ପଣ କରିବାକୁ ଏବଂ ପରମେଶ୍ୱରଙ୍କ ବାଣୀ ଉପରେ ବିଶ୍ୱାସ କରିବାକୁ ପଡିବ।

ଈଶ୍ୱରଙ୍କ ଇଚ୍ଛା ସହିତ ଆମର ଜୀବନକୁ ସମନ୍ୱିତ କରିବା ପାଇଁ, ଆମେ ବାକ୍ୟ ଅଧ୍ୟୟନ କରିବା, ଏହା ଉପରେ ଧ୍ୟାନ କରିବା ଏବଂ ଏହାକୁ ପ୍ରୟୋଗ କରିବା ଉଚିତ। **ଯାକୁବ ୧:୨୨ପଦ** କିନ୍ତୁ ଶ୍ରୋତାମାତ୍ର ହୋଇ ଆପଣାମାନଙ୍କୁ ପ୍ରବଞ୍ଚନା ନ କରି ବାକ୍ୟର କର୍ମକାରୀ ହୁଅ ।

**୨ୟ ତୀମଥି ୩:୧୬-୧୭ପଦ** ସମସ୍ତ ଶାସ୍ତ୍ର ଈଶ୍ୱର-ନିଶ୍ୱାସିତ ଏବଂ ଶିକ୍ଷା ଦେବା, ଅନୁଯୋଗ କରିବା, ସଂଶୋଧନ କରିବା ଏବଂ ଧାର୍ମିକତାରେ ତାଲିମ ଦେବା ପାଇଁ ଉପଯୋଗୀ [୧୭] ଯାହା ଦ୍ୱାରା ପରମେଶ୍ୱରଙ୍କ ସେବକ ପ୍ରତ୍ୟେକ ଭଲ କାର୍ଯ୍ୟ ପାଇଁ ସମ୍ପୂର୍ଣ୍ଣ ଭାବରେ ସଜ୍ଜିତ ହୋଇପାରିବେ ।

**ରୋମୀୟ ୧୨:୨ପଦ** ତୁମ୍ଭେମାନେ ଏହି ବର୍ତ୍ତମାନ ଯୁଗର ଅନୁରୂପୀ ହୁଅ ନାହିଁ, କିନ୍ତୁ ଯେପରି ତୁମ୍ଭେମାନେ ଈଶ୍ୱରଙ୍କ ଇଚ୍ଛା କʼଣ, ଅର୍ଥାତ୍ ଉତ୍ତମ, ସୁଗ୍ରାହ୍ୟ ଓ ସିଦ୍ଧ ବିଷୟ କʼଣ, ଏହା ପରୀକ୍ଷା କରି ଜାଣି ପାର, ଏଥି ନିମନ୍ତେ ଆପଣା ଆପଣା ମନର ନୂତନୀକରଣ ଦ୍ୱାରା ପରିବର୍ତ୍ତିତ ହୁଅ ।

**୭.୨. ପବିତ୍ର ଆତ୍ମାଙ୍କ ଶକ୍ତି ।**

ପରମେଶ୍ୱରଙ୍କ ପ୍ରତି ଆଜ୍ଞାବହତା ଏପରି କିଛି ନୁହେଁ ଯାହା ଆମେ ଆମ ଶକ୍ତିରେ ହାସଲ କରିପାରିବା । ଆମର ମାନବ ସ୍ୱଭାବ ଦୁର୍ବଳ ଏବଂ ଖ୍ରୀଷ୍ଟଙ୍କ ବ୍ୟତୀତ ଆମେ କିଛି କରିପାରିବା ନାହିଁ (ଯୋହନ 15:5) ।ଏହି କାରଣରୁ ପରମେଶ୍ୱର ଆମକୁ ପବିତ୍ର ଆତ୍ମା ଦେଇଅଛନ୍ତି - ଆମକୁ ଆଜ୍ଞାବହତାର ଜୀବନଯାପନ କରିବାକୁ ଶକ୍ତି ଦେବା ପାଇଁ ।

**ରୋମୀୟ ୮:୧୩-୧୪ପଦ** "କାରଣ ଯଦି ଶାରୀରିକ ଭାବାନୁସାରେ ତୁମ୍ଭେମାନେ ଜୀବନ ଯାପନ କର, ତେବେ ଅବଶ୍ୟ ମରିବ, କିନ୍ତୁ ଯଦି ଆତ୍ମାଙ୍କ ଦ୍ୱାରା ତୁମ୍ଭେମାନେ ଶରୀରର କର୍ମସବୁକୁ ବିନାଶ କର, ତେବେ ଜୀବିତ ହେବ ।ଯେଣୁ ଯେତେ ଲୋକ ଈଶ୍ୱରଙ୍କ ଆତ୍ମାଙ୍କ ଦ୍ୱାରା ଚାଳିତ ହୁଅନ୍ତି, ସେମାନେ ଈଶ୍ୱରଙ୍କ ସନ୍ତାନ ।"

ଗାଲାତୀୟ ୫:୧୬ ଆମକୁ ନିର୍ଦ୍ଦେଶ ଦିଏ "ମୋହର ଭାବ ଏହି, ଆତ୍ମାଙ୍କ ଦ୍ୱାରା ଆଚରଣ କର, ତାହାହେଲେ ତୁମ୍ଭେମାନେ ଶରୀରର ଅଭିଳାଷ ପୂର୍ଣ୍ଣ କରିବ ନାହିଁ ।"

ପରମେଶ୍ୱରଙ୍କ ପ୍ରତି ଆଜ୍ଞା ପାଳନ କରିବା କେବଳ ନିୟମ ପାଳନ କରିବାର ବିଷୟ ନୁହେଁ; ଏହା ବିଶ୍ୱାସର ଏକ କାର୍ଯ୍ୟ ଅଟେ ।ଆମେ ଆମର ଚିନ୍ତାଧାରା ଉପରେ ପବିତ୍ର ଆତ୍ମାଙ୍କ ସ୍ୱରକୁ ଭରସା କରୁ **ହିତୋପଦେଶ ୩:୫-୬ପଦ** ଆମକୁ ମନେ ପକାଇ ଦିଏ: "ତୁମ୍ଭେ ସର୍ବାନ୍ତଃକରଣ ସହିତ ସଦାପ୍ରଭୁଙ୍କଠାରେ ବିଶ୍ୱାସ କର ଓ ନିଜ ସୁବିବେଚନାରେ ଆଉଜି ପଡ଼ ନାହିଁ। ଆପଣାର ସବୁ ଗତିରେ ତାହାଙ୍କୁ ସ୍ୱୀକାର କର; ତହିଁରେ ସେ ତୁମ୍ଭର ପଥସବୁ ସରଳ" କରିବେ ।"

## ୮. ଆଜ୍ଞାକରିତାର ଫଳାଫଳ ।

**ଆମର ଏକ ଉତ୍ତମ ଚରିତ୍ର ଅଛି: ଆତ୍ମାର ଫଳ ।**
**ଗାଲାତୀୟ ୫:୨୨-୨୩** ୨୨ କିନ୍ତୁ ଆତ୍ମାଙ୍କ ଫଳ ପ୍ରେମ, ଆନନ୍ଦ, ଶାନ୍ତି, ଦୀର୍ଘସହିଷ୍ଣୁତା, ପରୋପକାରିତା, ୨୩ ଭଦ୍ରତା, ବିଶ୍ୱସ୍ତତା, ମୃଦୁତା ଓ ଆତ୍ମସଂଯମ; ଏହି ସମସ୍ତ ବିରୁଦ୍ଧରେ କୌଣସି ମୋଶାଙ୍କ ବ୍ୟବସ୍ଥା ନାହିଁ ।

**ଆମର ଉତ୍ତମ କାର୍ଯ୍ୟ ଅଛି ।**
**ଏଫିସୀୟ ୨:୧୦** ୧୦ କାରଣ ଆମ୍ଭେମାନେ ତାହାଙ୍କ ରଚନା, ଯେ ସମସ୍ତ ସତକାର୍ଯ୍ୟ ଆମ୍ଭେମାନେ କରିବୁ ବୋଲି ଈଶ୍ୱର ପୂର୍ବରୁ ପ୍ରସ୍ତୁତ କରିଥିଲେ, ଆଚରଣରେ ସେହି ସବୁ ସାଧନ କରିବା ନିମନ୍ତେ ଖ୍ରୀଷ୍ଟ ଯୀଶୁଙ୍କଠାରେ ସୃଷ୍ଟ ।
**ମାଥିଉ ୫:୧୬** ୧୬ ସେପ୍ରକାରେ ତୁମ୍ଭମାନଙ୍କ ଆଲୋକ ସାକ୍ଷାତରେ ପ୍ରକାଶ ପାଉ, ଯେପରି ସେମାନେ ତୁମ୍ଭମାନଙ୍କ ସତ୍କର୍ମ ଦେଖି ତୁମ୍ଭମାନଙ୍କ ସ୍ୱର୍ଗସ୍ଥ ପିତାଙ୍କର ମହିମା କୀର୍ତ୍ତନ କରିବେ ।

**ଆମ୍ଭମାନଙ୍କ ଶାନ୍ତି ଅଛି ।**
**ଗୀତସଂହିତା ୧୧୯:୧୬୫**ପଦ ଘୋଷଣା କରେ, "ତୁମ୍ଭ ବ୍ୟବସ୍ଥା ସ୍ନେହକାରୀମାନେ ମହାଶାନ୍ତି ପ୍ରାପ୍ତ ହୁଅନ୍ତି; ପୁଣି, ସେମାନଙ୍କର ଝୁଣ୍ଟିବାର କୌଣସି କାରଣ ଘଟେ ନାହିଁ ।"

**ଆମେ ପ୍ରଚୁର ଫଳ ଫଳିବା ।**

**ଯୋହନ ୧୫:୫ପଦ** ମୁଁ ଦ୍ରାକ୍ଷାଲତା, ତୁମ୍ଭେମାନେ ଶାଖା; ଯେ ମୋ'ଠାରେ ରହେ ଓ ମୁଁ ଯାହାଠାରେ ରହେ, ସେ ପ୍ରଚୁର ଫଳ ଫଳେ; କାରଣ ମୋ' ବିନା ତୁମ୍ଭେମାନେ କିଛି କରି ପାର ନାହିଁ ।

**ଆମେ ଆଶୀର୍ବାଦ ପାଉ ।**

**ଦ୍ୱିତୀୟ ବିବରଣ ୨୮:୧-୨ପଦ** ପ୍ରତିଜ୍ଞା କରେ, "ମୁଁ ଆଜି ସଦାପ୍ରଭୁ ତୁମ୍ଭ ପରମେଶ୍ୱରଙ୍କର ଯେଉଁ ଯେଉଁ ଆଜ୍ଞା ତୁମ୍ଭକୁ ଆଦେଶ କରୁଅଛି, ସେହି ସବୁ ମାନିବା ପାଇଁ ଓ କରିବା ପାଇଁ ଯଦି ତୁମ୍ଭେ ତାହାଙ୍କ ରବରେ ଯତ୍ନପୂର୍ବକ କର୍ଣ୍ଣପାତ କରିବ, ତେବେ ସଦାପ୍ରଭୁ ତୁମ୍ଭ ପରମେଶ୍ୱର ପୃଥିବୀସ୍ଥ ସମସ୍ତ ଦେଶୀୟ ଲୋକଙ୍କ ଅପେକ୍ଷା ତୁମ୍ଭକୁ ଶ୍ରେଷ୍ଠ କରିବେ ।ଯଦି ତୁମ୍ଭେ ସଦାପ୍ରଭୁ ଆପଣା ପରମେଶ୍ୱରଙ୍କ ରବ ଶୁଣିବ, ତେବେ ଏହିସବୁ ଆଶୀର୍ବାଦ ତୁମ୍ଭ ଉପରେ ବର୍ତ୍ତିବ ଓ ତୁମ୍ଭର ସଙ୍ଗ ଧରିବ ।"

**ଆମେ ଏକ ପଦୋନ୍ନତି ପାଉ ।**

**ମାଥିଉ ୨୫:୨୩ପଦ** ତାଙ୍କ ପ୍ରଭୁ ତାଙ୍କୁ କହିଲେ, ତାହାର ପ୍ରଭୁ ତାହାକୁ କହିଲେ, ବେଶ୍ , ଉତ୍ତମ ଓ ବିଶ୍ୱସ୍ତ ଦାସ, ତୁମ୍ଭେ ଅଳ୍ପ ବିଷୟରେ ବିଶ୍ୱସ୍ତ ହେଲ, ମୁଁ ତୁମ୍ଭକୁ ବହୁତ ବିଷୟ ଉପରେ ନିଯୁକ୍ତ କରିବି, ତୁମ୍ଭେ ଆପଣା ପ୍ରଭୁଙ୍କ ଆନନ୍ଦର ସହଭାଗୀ ହୁଅ ।

**ଲୂକ ୧୬:୧୦ପଦ** "ଯେ ଅତି ଅଳ୍ପ ବିଷୟରେ ବିଶ୍ୱସ୍ତ, ସେ ବହୁତ ବିଷୟରେ ମଧ୍ୟ ବିଶ୍ୱସ୍ତ ଅଟେ, ପୁଣି, ଯେ ଅତି ଅଳ୍ପ ବିଷୟରେ ଅବିଶ୍ୱସ୍ତ ସେ ବହୁତ ବିଷୟରେ ମଧ୍ୟ ଅବିଶ୍ୱସ୍ତ ।"

**ଆମେ ଅନନ୍ତ ପରିତ୍ରାଣ ପାଇଥାଉ ।**

**ଏବ୍ରୀ ୫:୮-୧୦ପଦ** ପୁତ୍ର ହେଲେ ହେଁ ଦୁଃଖଭୋଗ ଦ୍ୱାରା ଆଜ୍ଞାବହତା ଶିକ୍ଷା କଲେ, ପୁଣି, ସିଦ୍ଧ ହୋଇ ନିଜ ଆଜ୍ଞାକାରୀମାନଙ୍କ ପ୍ରତି ଅନନ୍ତ ପରିତ୍ରାଣର କାରଣ ସ୍ୱରୂପ ହେଲେ;ଏହେତୁ ସେ ଈଶ୍ୱରଙ୍କ କର୍ତ୍ତୃକ ମଲ୍‌କୀଷେଦକଙ୍କ ସଦୃଶ ମହାଯାଜକ ବୋଲି ନାମ ପ୍ରାପ୍ତ ହେଲେ ।

**ମାଥିଉ ୨୪:୧୩ପଦ** ଯୀଶୁ କହିଥିଲେ, "କିନ୍ତୁ ଯେ ଶେଷ ପର୍ଯ୍ୟନ୍ତ ଧୈର୍ଯ୍ୟ ଧରି ରହିବ ସେ ପରିତ୍ରାଣ ପାଇବ ।"

**ଆମେ ପୁରସ୍କାର ପାଉ ।**

**ଗାଲାତୀୟ ୬:୯ପଦ**(ପାଉଲ କହୁଅଛନ୍ତି) "ଆମ୍ଭେମାନେ ଉତ୍ତମ କର୍ମ କରିବାରେ କ୍ଳାନ୍ତ ନ ହେଉ; କାରଣ କ୍ଳାନ୍ତ ନୋହିଲେ ଉପୁଯୁକ୍ତ ସମୟରେ ଶସ୍ୟ କାଟିବା ।" ଯେଉଁମାନେ ପରମେଶ୍ୱରଙ୍କ ପ୍ରତିଜ୍ଞା ଉପରେ ଭରସା ରଖି ଆଜ୍ଞାପାଳନରେ ଅବିରତ ରହନ୍ତି, ସେମାନେ ପରମ ପୁରସ୍କାର ପାଇବେ - ଖ୍ରୀଷ୍ଟଙ୍କ ସହିତ ଅନନ୍ତ ଜୀବନ ।

**ଆମେ ଏକ ମୁକୁଟ ପାଇଥାଉ: ବାଇବଲ ମୁକୁଟକୁ ବର୍ଣ୍ଣନା କରିବା ପାଇଁ 5ଟି ନାମ ଉଲ୍ଲେଖ କରିଛି।**

**ଅନନ୍ତ ମୁକୁଟ - ଆମେ ଚିରକାଳ ପାଇଁ ରାଜା ଅଟୁ ।**

**୧ . ୧ମ କରିନ୍ଥୀୟ ୯:୨୪-୨୫ପଦ** "ଯେଉଁମାନେ ରଙ୍ଗଭୂମିରେ ଦୌଡ଼ନ୍ତି, ସେମାନେ ସମସ୍ତେ ଦୌଡ଼ନ୍ତି ସତ, କିନ୍ତୁ କେବଳ ଜଣେ ଯେ ପଣ ପାଏ, ଏହା କି ତୁମ୍ଭେମାନେ ଜାଣ ନାହିଁ ? ତୁମ୍ଭେମାନେ ଯେପରି ପଣ ପାଇବ, ଏଥିପାଇଁ ସେହିପରି ଦୌଡ଼ ।ଯେ କେହି କ୍ରୀଡ଼ାରେ ପ୍ରତିଦ୍ୱନ୍ଦ୍ୱିତା କରେ, ସେ ସମସ୍ତ ବିଷୟରେ ପରିମିତଭୋଗୀ ହୁଏ; ସେମାନେ କ୍ଷୟଣୀୟ ମୁକୁଟ ପାଇବା ନିମନ୍ତେ ତାହା କରନ୍ତି; ମାତ୍ର ଆମ୍ଭେମାନେ ଅକ୍ଷୟ ମୁକୁଟ ପାଇବା ନିମନ୍ତେ ତାହା କରୁ ।"

**୨ . ଆନନ୍ଦର ମୁକୁଟ - ଆମେ ଲୋକମାନଙ୍କୁ ରାଜ୍ୟରେ ଆଣୁ ।**

**୧ମ ଥେସଲୋନୀକୀୟ ୨:୧୯ପଦ** "କାରଣ ଆମ୍ଭମାନଙ୍କ ପ୍ରଭୁ ଯୀଶୁଙ୍କ ଆଗମନ ସମୟରେ ତାହାଙ୍କ ଛାମୁରେ ଆମ୍ଭମାନଙ୍କ ଭରସା, ଆନନ୍ଦ କି ଦର୍ପର ମୁକୁଟ କ'ଣ ? ତାହା କି ତୁମ୍ଭେମାନେ ନୁହଁ ?"

**୩ . ଧାର୍ମିକତାର ମୁକୁଟ - ଶେଷ ପର୍ଯ୍ୟନ୍ତ ଧାର୍ମିକ ଭାବରେ ବଞ୍ଚିବା ପାଇଁ ।**
**୨ ତିମଥି ୪:୭-୮** (ପାଉଲ ଲେଖିଛନ୍ତି) "ମୁଁ ଉତ୍ତମ ଯୁଦ୍ଧରେ ପ୍ରାଣପଣ କରିଅଛି, ନିରୂପିତ ପଥର ଶେଷ ପର୍ଯ୍ୟନ୍ତ ଦୌଡ଼ିଅଛି, ମୁଁ ବିଶ୍ୱାସ ରକ୍ଷା କରିଅଛି; ବର୍ତ୍ତମାନ ମୋ ନିମନ୍ତେ ଧାର୍ମିକତାର ମୁକୁଟ ରଖାଯାଇଅଛି, ତାହା ସେହି ମହାଦିନରେ ନ୍ୟାୟବାନ୍ ବିଚାରକର୍ତ୍ତା ପ୍ରଭୁ ମୋତେ ଦେବେ ।"

**୪. ଗୌରବର ଅକ୍ଷୟ ମୁକୁଟ - ଏହା କ୍ଷୀଣ ହେବ ନାହିଁ ।**
**୧ ପିତର ୫:୪ପଦ** ପିତର ପ୍ରାଚୀନମାନଙ୍କୁ ସମ୍ବୋଧିତ କରୁଛନ୍ତି: "ସେଥିରେ ପ୍ରଧାନ ପାଳକ ପ୍ରକାଶିତ ହେବା ସମୟରେ ତୁମ୍ଭେମାନେ ଗୌରବର ଅକ୍ଷୟ ମୁକୁଟ ପାଇବ ।"

**୫. ଜୀବନରୂପ ମୁକୁଟ - ଆମେ ପରମେଶ୍ୱରଙ୍କୁ ପ୍ରେମ କରୁ (ଆଜ୍ଞା ପାଳନ କରୁ)।**
**ପ୍ରକାଶିତ ବାକ୍ୟ ୨:୧୦ପଦ** "ତୁମ୍ଭେ ଯେଉଁ ସବୁ ଦୁଃଖଭୋଗ କରିବାକୁ ଯାଉଅଛ, ସେହିସବୁକୁ ଭୟ କର ନାହିଁ; ଦେଖ, ତୁମ୍ଭମାନଙ୍କ ପରୀକ୍ଷା ନିମନ୍ତେ ଶୟତାନ ତୁମ୍ଭମାନଙ୍କ ମଧ୍ୟରୁ କାହାରି କାହାରିକୁ କାରାଗାରରେ ନିକ୍ଷେପ କରିବ, ଆଉ ତୁମ୍ଭେମାନେ ଦଶଦିନ କ୍ଲେଶ ଭୋଗ କରିବ ।ତୁମ୍ଭେ ମରଣ ପର୍ଯ୍ୟନ୍ତ ବିଶ୍ୱସ୍ତ ଥାଅ, ସେଥିରେ ଆମ୍ଭେ ତୁମ୍ଭକୁ **ଜୀବନରୂପ ମୁକୁଟ ଦେବୁ ।"**
**ଯାକୁବ ୧:୧୨ପଦ** ଯାକୁବ ଆମକୁ କୁହନ୍ତି ଯେ ଏହି ଜୀବନର ମୁକୁଟ ସେମାନଙ୍କ ପାଇଁ **ଯେଉଁମାନେ ପରମେଶ୍ୱରଙ୍କୁ ପ୍ରେମ କରନ୍ତି ।**

ଏବଂ ଆମେ ଆଜି ଶିଖିଲୁ ଯେ ପରମେଶ୍ୱରଙ୍କୁ ପ୍ରେମ କରିବାର ଅର୍ଥ ପରମେଶ୍ୱରଙ୍କ ଆଜ୍ଞା ପାଳନ କରିବା!

ଆମେ ଏକ ଉତ୍ତରାଧିକାର ପାଇବୁ ।
**୧ ପିତର ୧:୪** ଅର୍ଥାତ୍ ଯେଉଁ ଅକ୍ଷୟ, ଅକଳଙ୍କିତ, ଅଜର ଅଧିକାର ତୁମ୍ଭମାନଙ୍କ ନିମନ୍ତେ ସ୍ୱର୍ଗରେ ତୁମ ପାଇଁ ସଞ୍ଚିତ ହୋଇଅଛି,

**ତୃତୀୟ ପାଠ – ସମାପ୍ତ**

**Rejoice Learning Centre North India**
**Author-Miriam Leavell Rejoice Corpus Christi (USA)**
**Odia Translator – Ps Dipti Prakash Rajhans North India**